# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01st September - 2024**

**News Editor : *Tapan Kumar Maharana***

*********************************

***Desk***

# ପୁଲିସ ନିଯୁକ୍ତି

ରାଜ୍ୟରେ ପୁଲିସ ବିଭାଗରେ ଭିତ୍ତିଭୂମି ସୁଦୃଢ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତକାଲି ଗୃହ ବିଭାଗ ଖର୍ଚ୍ଚ ଦାବୀ ଆଲୋଚନାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଲିସ ବିଭାଗରେ ୬ ହଜାରରୁ ଅଧିକ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି । ଆସନ୍ତା ୧୦୦ ଦିନ ମଧ୍ୟରେ ୩ ହଜାର ପଦବୀ ପୂରଣ କରାଯିବା ସହ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ୍‌ରେ ମଧ୍ୟ ନିଯୁକ୍ତି ଦିଆଯିବ । ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଲିସ ଆଧୁନିକୀକରଣ ପ୍ରକ୍ରିୟାରେ ପ୍ରତି ସରକାରୀ ମେଡିକାଲ୍ କଲେଜରେ ଫାଣ୍ଡି ଖୋଲିବା ସହିତ ପ୍ରତ୍ୟେକ ଥାନାକୁ ୭ଟି ଲେଖାଏଁ ମୋଟର ସାଇକେଲ୍ ଯୋଗାଇ ଦିଆଯିବ । ଏହାଛଡ଼ା ଖୁବ୍ ଶୀଘ୍ର ୧୦ଟି ନୂଆ ଓଡ୍ରାଫ୍ ଦଳ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

*Desk*

# ସୁଭଦ୍ରା - ପଞ୍ଜୀକରଣ

ରାଜ୍ୟରେ ଆଜିଠାରୁ ସୁଭଦ୍ରା ଯୋଜନା ନିମନ୍ତେ ପଞ୍ଜୀକରଣ ଆରମ୍ଭ ହେବ । ପ୍ରତ୍ୟେକ ଜିଲ୍ଲାର ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌରାଞ୍ଚଳ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର ଏବଂ ସାଧାରଣ କେନ୍ଦ୍ରରେ ବିନାଦେୟରେ ଏଥିପାଇଁ ଆବେଦନ କରାଯାଇପାରିବ । ରାଜ୍ୟ ମହିଳା ଓ ଶିଶୁ ବିକାଶ ପକ୍ଷରୁ ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଆବେଦନ ପତ୍ର ପଠାଯାଇଥିବା ଜଣାପଡ଼ିଛି । ଏହି ଯୋଜନା ନେଇ କୌଣସି ବିଭ୍ରାନ୍ତିକର ଖବର ଦ୍ୱାର ପ୍ରଭାବିତ ନ ହେବା ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

*Desk*

# ବିଚାରାଧୀନ ମାମଲା

ରାଜ୍ୟର ବିଭିନ୍ନ ନ୍ୟାୟାଳୟରେ ୧୯ ଲକ୍ଷ ୨୨ ହଜାର ୫୮୫ଟି ମାମଲା ବିଚାର ଅପେକ୍ଷାରେ ରହିଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ଏହି ବିଚାରାଧୀନ ମାମଲା ମଧ୍ୟରୁ ୧୫ ଲକ୍ଷରୁ ଅଧିକ ଅପରାଧିକ ଓ ୩ ଲକ୍ଷରୁ ଅଧିକ ଅନ୍ୟାନ୍ୟ ମାମଲା ବୋଲି ଜଣାପଡ଼ିଛି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨ ଲକ୍ଷ ୬ ହଜାର ୩୯୭ଟି ମାମଲା ବିଚାର ଅପେକ୍ଷାରେ ରହିଛି ।

*Desk*

# ଜନ ଅଭିଯୋଗ ଶୁଣାଣି ବନ୍ଦ୍

ଚଳିତ ମାସର ପ୍ରଥମ ତିନୋଟି ସୋମବାର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଏନେଇ  ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଧାନସଭା ଅଧିବେଶନ ଚାଲିଥିବାରୁ ଆସନ୍ତାକାଲି ଅଭିଯୋଗ ଶୁଣାଣି ବନ୍ଦ ରହିବ । ସେହିପରି ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ସେପ୍ଟେମ୍ବର ମାସ ୯ତାରିଖ ଏବଂ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଇଁ ୧୬ତାରିଖ ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

*Desk*

# ସୁଭଦ୍ରା - ପଞ୍ଜୀକରଣ

ରାଜ୍ୟରେ ଆଜିଠାରୁ ସୁଭଦ୍ରା ଯୋଜନା ନିମନ୍ତେ ପଞ୍ଜୀକରଣ ଆରମ୍ଭ ହେବ । ପ୍ରତ୍ୟେକ ଜିଲ୍ଲାର ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌରାଞ୍ଚଳ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର ଏବଂ ସାଧାରଣ କେନ୍ଦ୍ରରେ ବିନାଦେୟରେ ଏଥିପାଇଁ ଆବେଦନ କରାଯାଇପାରିବ । ରାଜ୍ୟ ମହିଳା ଓ ଶିଶୁ ବିକାଶ ପକ୍ଷରୁ ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଆବେଦନ ପତ୍ର ପଠାଯାଇଥିବା ଜଣାପଡ଼ିଛି । ଏହି ଯୋଜନା ନେଇ କୌଣସି ବିଭ୍ରାନ୍ତିକର ଖବର ଦ୍ୱାର ପ୍ରଭାବିତ ନ ହେବା ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

*Desk*

## ସ୍ୱଚ୍ଛତା ପକ୍ଷ

ରାଜ୍ୟରେ ଆସନ୍ତାକାଲିଠାରୁ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯିବ । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସଫେଇ, ସ୍ୱଚ୍ଛତା ଏବଂ ପରିମଳକୁ ଗୁରୁତ୍ୱ ଦିଆଯିବ । ଆସନ୍ତାକାଲି ଶପଥପାଠ କରାଯିବା ସହ ମଙ୍ଗଳବାର ସ୍ୱଚ୍ଛତା ସଚେତନତା କରାଯିବ । ୪ ଏବଂ ୫ ତାରିଖରେ କମ୍ୟୁନିଟି ଆଉଟ୍‌ରିଚ୍ ଦିବସ ପାଳନ କରାଯିବ । ଏହି ପକ୍ଷ ପାଳନ ସମୟରେ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହେବ ।

*Desk*

## ସାମ୍ବାଦିକ ସ୍ୱାସ୍ଥ୍ୟବୀମା

ରାଜ୍ୟ ସରକାର ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଏକ ବର୍ଷପାଇଁ ନବୀକରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ଏହାର ଅବଧି ଆସନ୍ତା ବର୍ଷ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୭ ହଜାର ୪୧ ଜଣ ସାମ୍ବାଦିକଙ୍କ ବୀମା ନିମନ୍ତେ ରାଜ୍ୟ ସରକାର ବାର୍ଷିକ ପ୍ରିମିୟମ୍ ବାବଦକୁ ୮ କୋଟି ୫୫ ଲକ୍ଷ ୭୬ ହଜାର ୩୧୪ ଟଙ୍କା ବୀମା କମ୍ପାନୀକୁ ପ୍ରଦାନ କରିବେ । ତେବେ

ନୂତନ ଭାବେ ଏହି ଯୋଜନାରେ ପଞ୍ଜୀକରଣ ପାଇଁ ଚଳିତ ମାସ ପ୍ରଥମ ସପ୍ତାହରେ ଦରଖାସ୍ତ ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି ।

***Desk***

## ପଢ଼ା ପୁଷ୍ଟି କାର୍ଯ୍ୟକ୍ରମ

ରାଜ୍ୟର ୧ ହଜାର ୮୪୩ଟି ଦୂରଦୂରାନ୍ତ ଅଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ର ଆସି ପାରୁ ନ ଥିବା ଶିଶୁମାନଙ୍କୁ ସକାଳ ଜଳଖିଆ ଓ ଗରମ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ପଢ଼ା ପୁଷ୍ଟି କାର୍ଯ୍ୟକ୍ରମ ଅଧୀନରେ ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ କହିଛନ୍ତି । ସେ କହିଛନ୍ତି, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପଞ୍ଜିକୃତ ସମସ୍ତ ଶିଶୁଙ୍କ ପୁଷ୍ଟି ଓ ସ୍ୱାସ୍ଥ୍ୟଗତ ବିକାଶ ନିମନ୍ତେ ପଦକ୍ଷେପ ନିଆଯାଉଛି ।

***Desk***

## ଜଗନ୍ନାଥ - ପଥର ଖଣି

ଖୋର୍ଦ୍ଧା ଜିଲ୍ଲାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ୧୦୦ଟି ପଥର ଖଣି ରହିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ୧୦୦ଟି ପଥର ଖଣି ମଧ୍ୟରୁ ୭୨ଟି ନିର୍ମାଣ ପଥର ଖଣି, ୨୬ଟି ମାଙ୍କଡ଼ା ଖଣି ଓ ୨ଟି

ଖଣ୍ଡୋଲାଇଟ୍ ପଥର ଖଣି ରହିଛି । ସେଥିମଧ୍ୟରୁ କେତେକ ଖଣିକୁ ଦୀର୍ଘମିଆଦୀ ସୂତ୍ରରେ ନିଲାମ ଦିଆଯାଇଛି । ଗତ ୧୦ ବର୍ଷ ମଧ୍ୟରେ ସମ୍ପୃକ୍ତ ଖଣିଗୁଡ଼ିକରୁ ୬୬ କୋଟିରୁ ଅଧିକ ଟଙ୍କା ଆୟ ହୋଇଥିବା ଆଇନ ମନ୍ତ୍ରୀ କହିଛନ୍ତି ।

***Desk***

# ବିକାଶ ଖସଡ଼ା

ଉତ୍ତର ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୪ଟି ଜିଲ୍ଲାପାଇଁ ବିକାଶ ଖସଡ଼ା ପ୍ରସ୍ତୁତ କରାଯାଉଛି । ଭୁବନେଶ୍ୱର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗମନାଗମନ ଓ ପାନୀୟ ଜଳ ଯୋଗାଣ ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

***Desk***

# ଶ୍ରମିକ ପରିଚୟ ପତ୍ର

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ୪୦ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି । ସୁନ୍ଦରପଦାର

କୁଚିଲାକୁଟସ୍ଥିତ ଟାଟା ଓ୍ୱାଟ୍‌କୋ ପ୍ରକଳ୍ପ ପରିସରରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିରରେ ମୁଖ୍ୟ ଅତିଥି ଭାବେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ୪୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଛନ୍ତି । ଶ୍ରମିକଙ୍କ କାର୍ଯ୍ୟଶୈଳୀରେ ପଞ୍ଜୀକରଣ ପ୍ରକ୍ରିୟା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ସିଂହ ଖୁଣ୍ଟିଆ କହିଛନ୍ତି ।

***BBSR/R***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗତକାଲି ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ଆଜି ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । କେନ୍ଦ୍ରୀୟ ଏବଂ ଉପକୂଳ ଓଡ଼ିଶାର କେତେକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ।

*****